# ତହସିଲଦାରଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର

Email id- tah.bbsr-od@nic.in
tdrbbsr@gmail.com
Ph. 0674-2953840(O)

ବିଜ୍ଞାପନ ସଂଖ୍ୟା ୧୨୩୬୮/ ତାରିଖ ୨୬.୧୧.୨୦୨୧/

## ଲଘୁ ଖଣିଜ ସୈରାତ ଉତ୍ସ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଅଧିନସ୍ଥ ଭୁବନେଶ୍ୱର ତହସିଲ ଅନ୍ତର୍ଗତ Annexure-I ରେ ଉଲ୍ଲିଖିତ ଯଥା **ପାଣ୍ଡରା ବାଲି ଘାଟ ସଇରାତ ଉତ୍ସ** (ଲଘୁ ଖଣିଜ ଦ୍ରବ୍ୟ ) ପାଇଁ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସଂଲଗ୍ନ ବୀବରଣୀ ମୁତାବକ ପ୍ରଦାନ କରାଯିବା ନିମନ୍ତେ **ତା 30.11.2021 ରିଖ ଠାରୁ ତା 28.12.2021 ରିଖ** ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ/ଅନୁଷ୍ଠାନ OMMC Rules, 2016 ର Form-M ପୂରଣ କରି ଏହାର ତିନି (3) କପି ସହ ଅପର ପାର୍ଶରେ ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ (Sealed cover) ରେ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ ତହସିଲଦାର, ଭୁବନେଶ୍ୱରଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟର Tender Box ରେ (ଛୁଟି ଦିନ ବ୍ୟତିତ) ପକାଇ ପାରିବେ । ଯଦି ଉକ୍ତ ଦିନ ଅପରାହ୍ନ 5 ଘଟିକା ପରେ କୌଣସି ଦରଖାସ୍ତ ପ୍ରାପ୍ତ ହୁଏ ସେହି ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । ଲଫାପା ଉପରେ ସୈରାତର କ୍ରମିକ ସଂଖ୍ୟା ଓ ସୈରାତ ଉତ୍ସର ନାମ ନରହିଲେ ବିଚାରକୁ ନିଆଯିବ ନାହିଁ । ଅସପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । କୌଣସି କାରଣ ନଦର୍ଶାଇ ଲିଜକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ଅଛି । ଲିଜ ଆବେଦନ ପାଇଁ ଦରଖାସ୍ତ /Sealed Tender ଗ୍ରହଣର ଶେଷ **ତାରିଖ 28.12.2021 ଅପରାହ୍ନ 5 ଘଣ୍ଟିକା ଅଟେ ।** ଦରଖାସ୍ତକାରୀ ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲାଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ (Additional Charge)ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ଯଦି ଆନୁସଙ୍ଗିକ କାଗଜାତ୍/ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ୍ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଘାଟ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇଥିଲେ ଲଟେରି ମାଧମରେ ସଫଳ ନିଲାମଧାରୀଙ୍କୁ ସ୍ଥିର କରାଯିବ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତାରିଖ **29.12.2021 ପୂର୍ବାହ୍ନ 11.00** ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୁଡାନ୍ତ କରାଯିବ । କୌଣସି କାରଣରୁ ନିଲାମ ନହୋଇ ପାରିଲେ **ଦ୍ୱିତୀୟ ତା 30.12.2021** ରିଖ ଏବଂ ଦ୍ୱିତୀୟ ତାରିଖରେ ନହୋଇ ପାରିଲେ **ତୃତୀୟ ତା 31.12.2021** ରେ ନିଲାମ କରାଯିବ ।

ଏହି ସୈରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ http://khordha.nic.in website ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏଥି ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲଦାର, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଘ 10ଟିକା ଠାରୁ ଘ 5 ଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/କାଗଜାତ୍**

1. ଦରଖାସ୍ତ ଫିସ ବାବଦକୁ ( ଅଣ ଫେରସ୍ତ ) ଟ. 1000/- ( ଏକ ହଜାର ଟଙ୍କା) ର ଟ୍ରେଜରି ଚାଲାଣ ସଂଲଗ୍ନ କରିବେ। (Head of Account-0853-Non-ferrous Mining and Metallurgical Industries-102-Mining Concession fees, Rents and Royalties)

2. ଲଘୁଖଣିଜ ନିୟମାବଳୀ 2016 ଆଧାରରେ, ଦରଖାସ୍ତକାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପୈଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।
3. EMD ର ପ୍ରମାଣ ପତ୍ର ଯାହାକି ନୋଟିସ ଦର୍ଶିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ପୁରା ଏକ ବର୍ଷର ଅତିରିକ୍ତ ମୂଲ୍ୟ ( Additional Charge) ଯୁକ୍ତ ଏକ ବର୍ଷର ରୟାଲିଟି ମୂଲ୍ୟର ଶତକଡା 5 ରୁ କମ୍ ହୋଇନଥିବାର Demand Draft ପୈଠରେ ରସିଦ ।
4. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସି ସାର୍ଟିଫିକେଟ ବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି 18 ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ)ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ ( Offered additional charge) ନିର୍ଦ୍ଦିଷ୍ଟ ରାଶି ଠାରୁ କମ ହୋଇନଥିବ ଓ ସ୍ଥାବର ସମ୍ପତ୍ତିର ଏକ ତାଲିକା ବିବରଣୀ ରାଜସ୍ୱ ଅଧିକାରୀଙ୍କ ଠାରୁ ।
   (A Solvency Certificate or Bank guarantee valid for a period of Eighteen Months for an amount of not less than the amount of additional charge offered plus the royalty payable for the MGQ (Minimum Guaranteed Quantity) for one whole year and a list of immovable properties from the Revenue Authority.)
5. Income Tax Clearance Certificate or an affidavit stating therein that no income tax is pending against the applicant.
6. ନିଜର ଭୋଟର ପରିଚୟ ପତ୍ର EPIC/PAN Card/Aadhar Card.
7. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଯଥା ଖାତା, ପ୍ଲଟ, ରକବା (Land Schedule) ଓ ନକ୍ସା ଦରଖାସ୍ତ ସହ ସଂଲଗ୍ନ କରିବେ।

**ସର୍ତ୍ତାବଳୀ:**

1. ଆବେଦନକାରୀମାନେ ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ, 2016 ର ପରିସରଭୁକ୍ତ ରହିବେ ।
2. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ସୈରାତ ଉତ୍ସ ଗୁଡିକ ପରିଦର୍ଶନ କରି, ସୈରାତ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ । ଯେଉଁ ସୈରାତ ଉତ୍ସଗୁଡିକୁ ସରକାରୀ ରାସ୍ତା ନାହିଁ, ସେଥିରେ ଲିଜ ନେଇଥିବା ବ୍ୟକ୍ତିବିଶେଷ ସୈରାତ ଉତ୍ସକୁ ଗମନାଗମନର ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟିତ୍ୱରେ କରିବେ ।
3. ପ୍ରଚଳିତ ନିୟମାବଳୀ ଅନୁଯାୟୀ Form-M ଉପରେ ଦର୍ଶିତ ଅତିରିକ୍ତ ମୂଲ୍ୟ (Additional Charge) କୁ ବିଚାରକୁ ନିଆଯାଇ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କ ନାମ ଚୟନ କରାଯିବ । ଯଦି କୌଣସି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟ ( Additional Charge) ଉତ୍ସ ସମ୍ବନ୍ଧୀୟ ଧାର୍ଯ୍ୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ସେହି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।
4. ଲିଜ୍ ରେ ସୈରାତ ପରିଚାଳନା ସମ୍ପର୍କରେ ପରବର୍ତ୍ତି ସମୟରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ, ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ । ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, 2016 ଆଧାରରେ ଏହା ପରିଚାଳିତ ହେବ ।
5. ଚୟନ ହୋଇଥିବା ଲିଜଧାରୀଙ୍କୁ 7 ଦିନ ମଧ୍ୟରେ Form-F ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜ ଜନିତ ସର୍ତ୍ତାବଳୀ ତହସିଲଦାରଙ୍କ ଦ୍ୱାରା ଜଣାଇଦିଆଯିବ ଏବଂ ଜଣାଇବାର 15 ଦିନ ମଧ୍ୟରେ ଚୟନକାରୀ ଏକ ବର୍ଷର

ସର୍ବନିମ୍ନ ସ୍ଥିରକୃତ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟିର ମୂଲ୍ୟ ଏବଂ ଅତିରିକ୍ତ ମୂଲ୍ୟ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନଙ୍କୁ ଦେୟ ସର୍ବମୋଟ ମୂଲ୍ୟର ଏକ ଚତୁର୍ଥାଂଶ ଯାହା ହେବ, ସେଥିରୁ ପୂର୍ବରୁ ଡିପୋଜିଟ କରିଥିବା EMD ବିୟୋଗ ପରର ମୂଲ୍ୟ ଯାହା ହେବ ତାକୁ ସଂପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ପଇଠ କରିବେ ଏବଂ ଏହି ପୈଠ ମୂଲ୍ୟ ସହ EMD ଡିପୋଜିଟ ମୂଲ୍ୟକୁ ଏକତ୍ର ମିଶାଇଲେ ଯେଉଁ ରାଶି ହେବ ତାହା ସୁଧବିହୀନ ଅମାନତ ଜମା ବୋଲି ବିବେଚନା ହେବ ।

6. ଯଦି ସଫଳ ନିଲାମଧାରୀ (Successful bidder) ଉପରେ ଦର୍ଶିତ ଅନୁଛେଦ (ପାରା) ଆଧାରରେ ଧାର୍ଯ୍ୟ ରୟାଲିଟି ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଦାଖଲ କରିବାରେ ଖିଲାପ କରନ୍ତି ତାହା ହେଲେ ତାଙ୍କ ଦ୍ୱାରା ଦାଖଲ ହୋଇଥିବା EMDକୁ ବାଜ୍ୟାପ୍ତି କରାଯିବ ଓ ପରବର୍ତ୍ତି ଦ୍ୱିତୀୟ ସର୍ବାଧିକ ଆବେଦନକାରୀଙ୍କୁ ଲିଜ ପ୍ରଦାନ ପାଇଁ ଚୟନ କରାଯିବ । ନିଲାମଧାରୀ ଚୟନ ପରେ ଅକୃତ କାର୍ଯ୍ୟ ନିଲାମଧାରୀମାନଙ୍କୁ ସେମାନଙ୍କ EMD ଫେରସ୍ତ କରାଯିବ ।
7. ନିଲାମ ପ୍ରକ୍ରିୟା ପରିସମାପ୍ତି ପରେ ସଫଳ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ ତାଙ୍କୁ ମିଳିଥିବା ଖଣିର Topographical Survey ପାଇଁ ନୋଟିସ ଦିଆଯିବ । ଧାର୍ଯ୍ୟ ତାରିଖରେ ତାଙ୍କ ଉପସ୍ଥିତିରେ ଖଣି ପରାମର୍ଶଦାତାଙ୍କ ସର୍ଭେଦଳ ଦ୍ୱାରା ବାଲିଘାଟର Survey ସମାପ୍ତ କରାଯିବ । ସର୍ଭେ ସମ୍ବଳିତ ତଥ୍ୟ (Surveyed data) ଅନୁଯାୟୀ Surface plan ରେ ଦସ୍ତଖତ କରିବେ । ଉକ୍ତ Surface plan ରେ ଦର୍ଶାଯାଇଥିବା Topography ଯଦି ପରବର୍ତ୍ତି ପର୍ଯ୍ୟାୟରେ ପରିବର୍ତ୍ତନ ହୁଏ ତେବେ ପରିବର୍ତ୍ତନ ଜନିତ ଉତ୍ତୋଳନ ପାଇଁ ସଫଳ ନିଲାମଧାରୀ ଦାୟୀ ରହିବେ ।
8. ସଫଳ ନିଲାମଧାରୀ (Successful bidder) ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ, ନିଜ ଖର୍ଚ୍ଚରେ Mining Plan ପ୍ରସ୍ତୁତ କରାଇବେ, ଏବଂ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଅନୁମତି ନିଜ ଖର୍ଚ୍ଚ ଓ ଦାୟିତ୍ୱରେ ହାସଲ କରିବେ । ଲିଜଧାରୀ ପରିବେଶ ମ୍ୟାନେଜମେଣ୍ଟ ପ୍ଲାନ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ ।
9. ନିର୍ଦ୍ଧାରିତ ସମୟସୀମା ମଧ୍ୟରେ Mining Plan/Environment Clearance ପ୍ରାପ୍ତି ସମ୍ବନ୍ଧୀୟ କାଗଜାତ ଦାଖଲ ନକଲେ ଲିଜଧାରୀଙ୍କ ଅମାନତ ରାଶି ବାଜ୍ୟାପ୍ତି କରଯିବ । Environment Clearance ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଋତୁ ପରିବର୍ତ୍ତନ ବିଭାଗ, ବିଜ୍ଞାପନ ସଂଖ୍ୟା S.O.141(E), New Delhi Dt. 15.01.2016 ଦ୍ୱାରା ନିର୍ଦ୍ଧାରିତ ହେବ । ସଫଳ ନିଲାମଧାରୀ ତାଙ୍କୁ ପ୍ରାପ୍ତ ହୋଇଥିବା ଘାଟର ରକ୍ଷଣାବେକ୍ଷଣ ଓ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ସଫଳ ନିଲାମଧାରୀ ଭାବେ ବେବଚିତ ହେବା ଦିନଠାରୁ ଉତ୍ତରଦାୟୀ ରହିବେ ।
10. Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପରିମାଣ ଯାହାକି MGQ ଠାରୁ କମ ହୋଇନଥିବ ଏହାର ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ, DMFF, EMF ଏବଂ Compensatory afforestation, dead rent & surface rent ରାଶିକୁ Environment Clearance ଆଣିସାରିଲା ପରେ OMMC Rules, 2016 ଅନୁଯାୟୀ ଏକକାଳୀନ ପଇଠ କରିବେ । ନିୟମ ମୁତାବକ ସଫଳ ନିଲାମଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପର୍ଷଦ (State Pollution Control Board) ଠାରୁ Consent to Establish (CTE), Consent to Operate (CTO) ଓ ପ୍ରଥମ ବର୍ଷର ଧାର୍ଯ୍ୟ ରାଶି ପଇଠ କଲାପରେ ସଫଳ ନିଲାମଧାରୀ (Successful bidder ) ରେଜିଷ୍ଟ୍ରେସନ ଆକ୍ଟ, 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତିପତ୍ର (Execution of lease deed) ସମ୍ପାଦନ କରିବେ ।
11. ଲିଜଧାରୀ ଜମା ରୟାଲିଟିର 2% ଅର୍ଥ ଆୟକର ବାବଦକୁ ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।
12. ଲିଜଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ Environment Management Fund ବାବଦକୁ ଦାଖଲ କରିବେ ।

13. ପ୍ରଚଳିତ ନିୟମ ଅନୁଯାୟୀ Schedule-I & II ର ଧାର୍ଯ୍ୟ ଦର ଲାଗୁ ହେବ ଏବଂ ଏହା ସରକାରଙ୍କ ଦ୍ୱାରା ପରିବର୍ତ୍ତନ ହେବ ଓ ସମ୍ପୃକ୍ତ ଲିଜଧାରୀ ପରିବର୍ତ୍ତିତ ମୂଲ୍ୟରେ ଯଦି ବର୍ଦ୍ଧିତ ରୟାଲିଟି ଅନୁମୋଦିତ ରୟାଲିଟି ଠାରୁ ଅଧିକ ହୋଇଥାଏ, ତେବେ ତାହା ଦେବାକୁ ବାଧ୍ୟ ହେବେ ।

14. ଲିଜଧାରୀଙ୍କୁ ପ୍ରତି ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟର Dead Rent ଏବଂ Surface rent ଦେବାକୁ ପଡିବ ।

15. ଲିଜଧାରୀ ଜିଲ୍ଲା ପ୍ରଶାସନକୁ ତାଙ୍କ ଦ୍ୱାରା ସ୍ଥିରିକୃତ ଆନୁପାତିକ ମୂଲ୍ୟ, ଜଳସିଞ୍ଚନ ଓ ବନୀକରଣ ବାବଦରେ ପୈଠ କରିବେ ।

16. ଲିଜଧାରୀ ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ, 2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ରହିବେ ।

17. ଲିଜଧାରୀ Mines Act, 1952 ଏବଂ Explosive Act, 1984, Pollution Act, Granite Conservation & Development Rules, 1999 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ । ଲିଜଧାରୀ ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ ତଥା ଚାଲାଣ ସଂକ୍ରାନ୍ତୀୟ ସଠିକ୍ ବିବରଣୀ ତ୍ରୟମାସିକ ରିଟର୍ଣ୍ଣ Form-P ଏବଂ ବାର୍ଷିକ ରିଟର୍ଣ୍ଣ Form-K ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ବାଧ୍ୟ ରହିବେ ।

18. ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲଘୁଖଣିଜ ଦ୍ରବ୍ୟ ପରିଚାଳନା ସମ୍ବନ୍ଧୀୟ ଆଦେଶ ଗୁଡିକୁ ଲିଜଧାରୀ ମାନିବାକୁ ବାଧ୍ୟ । କ୍ଷମତାସମ୍ପନ୍ନ ଅଧିକାରୀ ଘାଟ ପରିଦର୍ଶନ ସମୟରେ ଘାଟ ସମ୍ବନ୍ଧୀୟ ସମସ୍ତ ରେକର୍ଡ ତନଖି କରିପାରିବେ ।

19. ଲିଜଧାରୀ ସୈରାତ ଉତ୍ସର ସୀମା ନକ୍ସା ଅନୁଯାୟୀ 4 ଫୁଟର ଢଳେଇ ଖୁଣ୍ଟ (Concrete Pillar) ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ସହ ନାମ, ଲିଜଧାରୀଙ୍କ ନାମ ତଥା ସମ୍ପୂର୍ଣ୍ଣ ବିବରଣୀ ସହ ଲିଜର ଅବଧି ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ଲିଜଧାରୀ ନିଜ ଖର୍ଚ୍ଚରେ ବହନ କରିବେ । ପୁନଶ୍ଚ ଲିଜଧାରୀ ବାଲିଘାଟ ପରିଚାଳନା ଜନିତ କ୍ଷୟକ୍ଷତି ସର୍ବସାଧାରଣଙ୍କ ଜୀବନହାନୀ ବା କ୍ଷତାକ୍ତ ପାଇଁ ଆବଶ୍ୟକୀୟ କ୍ଷୟକ୍ଷତି ସରକାରଙ୍କୁ ଭରଣା କରିବାକୁ ଦାୟୀ ରହିବେ ।

20. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ସମ୍ପନ୍ନ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ । ଏଥିରେ ଖିଲାପ ହେଲେ OMMC Rules, 2016 ଅନୁଯାୟୀ ଦଣ୍ଡନୀୟ ହେବେ ।

21. ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାସମ୍ପନ୍ନ ଅଧିକାରୀଙ୍କର ରହିଅଛି । ଅନିବାର୍ଯ୍ୟ କାରଣବଶତଃ କ୍ଷମତାସମ୍ପନ୍ନ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ ।

22. ସୈରାତ ଉତ୍ସ ଗୁଡିକର ସୁପରିଚାଳନା ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ସମସ୍ତ ବ୍ୟବସ୍ଥାକୁ ଲିଜଧାରୀ ମାନିବାକୁ ବାଧ୍ୟ ହେବେ ଏବଂ ଏଥିରେ ବ୍ୟତିକ୍ରମ/ଖିଲାପ ହେଲେ ବୈଧ ଲିଜକୁ ବାତିଲ ମଧ୍ୟ କରାଯାଇପାରିବ ।

23. ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲଦାରଙ୍କ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ ତଥ୍ୟ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ http://khordha.nic.in website ରେ ଉପଲବ୍ଧ ହେବ ।

ବି.ଦ୍ର : ସୈରାତ ଉତ୍ସର ସାରଣୀ ଏଥି ସହିତ ସଂଲଗ୍ନ ହୋଇଅଛି ।

ପ୍ରଦୀପ କୁମାର ସାହୁ

ତହସିଲଦାର, ଭୁବନେଶ୍ୱର

ଜ୍ଞାପକ ସଂଖ୍ୟା ୧୨୩୬୦ ତା ୨୯.୧୧.୨୦୨୧

ଏହାର ଏକକିତା ନକଲ DIO, NIC ଙ୍କୁ website ରେ ପ୍ରକାଶନ କରିବା ପାଇ ପ୍ରେରଣ କରାଗଲା

ତହସିଲଦାର, ଭୁବନେଶ୍ୱର

ଜ୍ଞାପକ ସଂଖ୍ୟା ୧୨୩୬୧ ତା ୨୯.୧୧.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଖୋର୍ଦ୍ଧା/ଉପଜିଲ୍ଲାପାଳ, ଭୁବନେଶ୍ୱର/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭୁବନେଶ୍ୱରଙ୍କ ନୋଟିସ ବୋର୍ଡ, ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଗଲା ।

ଏହାର ନକଲ ସମ୍ପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଭୁବନେଶ୍ୱର

**Annexure-I**

## ଲିଜ ପାଇଁ ଇଦ୍ଧିଷ୍ଟ ଲଘୁ ଖାଦାନର ବିବରଣୀ

## ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ର.ନଂ | ମୌଜାର ନାମ | ରାଜସ୍ୱ ସର୍କଲ | ସୈରାତ ଉତ୍ସର ନାମ ଏବଂ କେସନଂ | ଖାତା ନଂ | ପ୍ଲଟ ନଂ | ରକବା ଏକରରେ | କିସମ | ଲଘୁ ଖଣିଜର ନାମ | ବାର୍ଷିକ ସର୍ବନିମ୍ନ ରୟାଲିଟିର ଧାର୍ଯ୍ୟ ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦେୟ (Additional Charge per cum) ଟଙ୍କାରେ | ଆନୁମାନିକ ବାର୍ଷିକ ଧାର୍ଯ୍ୟ ବାଲି/ ମୋରମ ର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Moneyର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|---|
| 1 | ପାଣ୍ଡରା | କଳାରାହାଙ୍ଗ | କୁଆଖାଇ ବାଲିଘାଟ ପାଣ୍ଡରା ଏମ ଏମ କେସନଂ 2/2021 | 1352 | 2414 | ଏ. 46.000 | ନଦୀ | ବାଲି | Rs. 35/- | Rs. 50/- | 175014 | 7,43,810/- |

ପ୍ରଦୀପ କୁମାର ସାହୁ

ତହସିଲଦାର, ଭୁବନେଶ୍ୱର